ଚିରନ୍ତନ

ସଂଖ୍ୟା ୨୯, ସେପ୍ଟେମ୍ବର ୧୦, ୨୦୧୨

Chirantana

Jagannath Organization for Global Awareness (JOGA)
Newsletter, Issue No: 29, September 10, 2012
http://www.jogaworld.org

ଆଜି ପଢନ୍ତୁ ଓଡିଆ ବିଭାଗ

"ଉନ୍ମୋଚନ"

Bhagabat Gita: The Sacred Hindu Scripture

ନିରାଶୀର୍ଯତ-ଚିତ୍ତାତ୍ମା ତ୍ୟକ୍ତ ସର୍ବ-ପରିଗହଃ ।
ଶାରୀରଂ କେବଳଂ କର୍ମ କୁର୍ବନ୍ ନାପ୍ନୋତି କିଲ୍ବିଷମ୍ ॥

nirasiryata-cittatma tyakta-sarva-parigrahah
sariram kevalam karma kurvan napnoti kilbisam ॥

ଏହି ଶ୍ଲୋକଟି ଭଗବଦ୍ ଗୀତାର **ଚତୁର୍ଥ ଅଧ୍ୟାୟରେ** ଏକବିଂଶ ପଂକ୍ତିରେ ବର୍ଣ୍ଣନା କରାଯାଇଛି । ଶ୍ରୀ ଭଗବାନ କହିଲେ, "ପକ୍ୱ ଦିବ୍ୟଜ୍ଞାନ ପ୍ରାପ୍ତ ହୋଇଥିବା ବ୍ୟକ୍ତି ମନ ଓ ବୁଦ୍ଧିକୁ ସଂପୂର୍ଣ୍ଣରୂପେ ସଂଯତକରି କର୍ମକରେ । ସେ ତା'ର ଅଧିକାରରେ ଥିବା ସମସ୍ତ ବିଷୟବସ୍ତୁ ଉପରୁ ମାଲିକାନା ବା ଅଧିକାର ତ୍ୟାଗକରେ ଏବଂ କେବଳ ଜୀବନଧାରଣ ପାଇଁ ଯେତିକି ନିହାତି ଦରକାର ସେତିକି ପାଇବାନିମିତ୍ତ କାର୍ଯ୍ୟକରେ । ଏହିପରି କର୍ମ କରିବାଦ୍ୱାରା ସେ ପାପକର୍ମର ପ୍ରତିକ୍ରିୟାରେ ଭାଗୀ ହୁଏନାହିଁ ।"

"Such a man of understanding acts with mind and intelligence perfectly controlled, gives up all sense of proprietorship over his possessions, and acts only for the bare necessities of life. Thus working, he is not affected by sinful reactions."

Contents

Shree Ganeshaya Dhimahi– pg 2
Upcoming Programs by JOGA – pg 4
Recently Completed Programs by JOGA – pg 4
- Guest Speakers – pg 4
- Rathayatra – pg 5
- Snana Yatra – pg 7
- Holi - pg 8

Manua Thakura (Odia Bhajan)– pg 12
Kalashri Mukhaku Dekhi (Odia Bhajan) – pg 12
Rathayatra Sponsors – pg 13
Holi Sponsors – pg 13
Bhajan Sponsors – pg 14
Unmochana (Odia Part) – pg 15 (Odia Page 1)

Odia Section "Unmochana" – pg 15

ଓଡିଆ ବିଭାଗ

"ଉନ୍ମୋଚନ"

Bhajan Schedule: Third Saturday of every month

Place: Hindu Temple, 10001 Riggs Road, Adelphi, MD 20783 (Tel: 301-445-2165)

6:00 –9:00 PM Bhajan, Philosophiccal Discussion, Arati, and Prasad

September is Children's Month

The month of September will be dedicated to bhajan singing and leading by children. Please teach a bhajan to your child, arrive on time and help the children experience our rich culture.

Chirantana Info:

Chirantana is the bi-annual newsletter of Jagannath Organization for Global Awareness (JOGA). Chirantan is published in February and August months of every year.

Editor: Dr Bigyani Das
Editor (Unmochana): Sulochana Pattnaik
Email: obhajan@yahoo.com

Deadlines: Religious, philosophical and educational articles are invited from the authors by January 15 and July 15 of every year for February and August issues respectively. All submissions are subject to review.

Shree Ganeshaya Dhimahi - Ganesh Puja on September 19th, 2012

This year Ganesh puja falls on September 19th, Wednesday. Ganesha puja is very auspicious for students. Lord Ganesha is considered the God of learning and students always seek His blessings for doing well in studies and examinations. Past issues of Chirantana and second volume of Jogasutra had special sections for Ganapati bandana. In Odissi dance, several Mangacharan pieces are composed for Lord Ganesha. One such example is "Vakratunda Mahakaya"

Vakratunda Mahakaya Suryakoti Samaprabha
Nirvighnam Kuru Me Deva Sarva-Kaaryessu Sarvadaa

Meaning:
1: O Lord Ganesha, of Curved Trunk, Large Body, and with the Brilliance of a Million Suns,
2: Please Make All my Works Free of Obstacles, Always.

Shree Ganeshaya Dhimahi

This song "Gananayakaya Ganadeivathaya" happens to be the title song of the Hindi film "VIRUDH" . The song is sung by Shankar Mahadevan and it is wonderful listening to it. Please refer to the following web page for details on this song.

http://blog.practicalsanskrit.com/2009/08/meditate-upon-ganesh.html

gaNa-nAyakAya gaNa-devatAya gaNA_dhyakShAya dhImahi |
guNa-sharIrAya guNa-maNDitAya guNe_shAnAya dhImahi |
guNA_tItAya guNA_dhIshAya guNa-praviShTAya dhImahi |
ek-dantAya vakra-tuNDAya gaurI-tanayAya dhImahi |
gaje_shAnAya bhAla-chandrAya shrI-gaNeshAya dhImahi ||

gAna-chaturAya gAna-prANAya gAnAnta_rAtmane |
gAnotsukAya gAnamattAya gAnotsuka_manase |
guru-pUjitAya guru-devatAya guru-kula-sthAyine |
guru-vikramAya guhya-pravarAya gurave guNa-gurave |
guru-daityagalachchhetre guru-dharma-sadA_rAdhyAya |
guru-putra-paritrAtre guru-pAkhaNDa-khaNDakAya |
gIta-sArAya gIta-tattvAya gIta-gotrAya dhImahi |
gUDh-gulphAya gandha-mattAya go-jaya-pradAya dhImahi |
guNA_tItAya guNA_dhIshAya guNa-praviShTAya dhImahi |
ek-dantAya vakra-tuNDAya gaurI-tanayAya dhImahi |
gaje_shAnAya bhAla-chandrAya shrI-gaNeshAya dhImahi ||

granth-gItAya granth-geyAya granthAntarAtmane |
gIta-lInAya gItAshrayAya gIta-vAdya-paTave |
geya-charitAya gAyaka-varAya gandharva-priya-kRite |
gAyakAdhIna-vigrahAya gaGgA-jala-praNayavate |
gaurI-stanandhayAya gaurI-hRidaya-nandanAya |
gaura-bhAnu-sutAya gaurI-gaNeshvarAya |
gauri-praNayAya gauri-pravaNAya gaura-bhAvAya dhImahi |
go-sahasrAya go-vardhanAya gopa-gopAya dhImahi |
guNA_tItAya guNA_dhIshAya guNa-praviShTAya dhImahi |
ek-dantAya vakra-tuNDAya gaurI-tanayAya dhImahi |
gaje_shAnAya bhAla-chandrAya shrI-gaNeshAya dhImahi ||

ଗଣନାୟକାୟ ଗଣଦେବତାୟ ଗଣାଧ୍ୟକ୍ଷାୟ ଧୀମହି
ଗୁଣଶରୀରାୟ ଗୁଣମଣ୍ଡିତାୟ ଗୁଣେଶାନାୟ ଧୀମହି
ଗୁଣାତୀତାୟ ଗୁଣଧୀଶାୟ ଗୁଣପ୍ରବିଷ୍ଟାୟ ଧୀମହି
ଏକଦନ୍ତାୟ ବକ୍ରତୁଣ୍ଡାୟ ଗୌରୀତନୟାୟ ଧୀମହି
ଗଜେଶାନାୟ ଭାଲଚନ୍ଦ୍ରାୟ ଶ୍ରୀ ଗଣେଶାୟ ଧୀମହି ॥

ଗାନଚତୁରାୟ ଗାନପ୍ରାଣାୟ ଗାନାନ୍ତରାତ୍ମନେ
ଗାନୋତ୍ସୁକାୟ ଗାନମତ୍ତାୟ ଗାନୋତ୍ସୁକମନସେ
ଗୁରୁପୂଜିତାୟ ଗୁରୁଦେବତାୟ ଗୁରୁକୁଲସ୍ଥାୟିନେ
ଗୁରୁବିକ୍ରମାୟ ଗୁହ୍ୟପ୍ରବରାୟ ଗୁରବେ ଗୁଣଗୁରବେ ।
ଗୁରୁଦୈତ୍ୟଗଲଚ୍ଛେତ୍ରେ ଗୁରୁଧର୍ମସଦାରାଧ୍ୟାୟ
ଗୁରୁପୁତ୍ର ପରିତ୍ରାତ୍ରେ ଗୁରୁପାଖଣ୍ଡଖଣ୍ଡକାୟ
ଗୀତସାରାୟ ଗୀତତତ୍ତ୍ୱାୟ ଗୀତଗୋତ୍ରାୟ ଧୀମହି
ଗୁଢଗୁଲ୍ଫାୟ ଗନ୍ଧମତ୍ତାୟ ଗୋଜୟପ୍ରଦାୟ ଧୀମହି ॥

ଗଚ୍ଛଗୀତାୟ ଗଚ୍ଛଗେୟାୟ ଗଚ୍ଛାନ୍ତରାତ୍ମନେ
ଗୀତଲୀନାୟ ଗୀତାଶୟାୟ ଗୀତବାଦ୍ୟପଟବେ
ଗେୟଚରିତାୟ ଗାୟକବରାୟ ଗନ୍ଧର୍ବପ୍ରିୟକୃତେ
ଗାୟକାଧୀନବିଗ୍ରହାୟ ଗଙ୍ଗାଜଳପ୍ରଣୟବତେ
ଗୌରୀସ୍ତନନ୍ଧୟାୟ ଗୌରୀହୃଦୟନନ୍ଦନାୟ
ଗୌରଭାନୁସୁତାୟ ଗୌରୀଗଣେଶ୍ୱରାୟ
ଗୌରୀପ୍ରଣୟାୟ ଗୌରୀପ୍ରବଣାୟ ଗୌରଭାବାୟ ଧୀମହି
ଗୌସହସ୍ରାୟ ଗୋବର୍ଧନାୟ ଗୋପଗୋପାୟ ଧୀମହି ॥

Upcoming Programs by JOGA

September Month is Children's Month

For the last fourteen years JOGA is celebrating the month of September as children's month. The children are given opportunity to present their unique talents in bhajan singing, sloka and gita chanting, telling stories from scriptures and discussing its applicability in today's world and practicing leadership and service such as Prasad distribution, setting up the place and cleaning.

If your children want to participate please inform by sending an email to obhajan@yahoo.com by September 14th. All the children will be presented certificates of participation.

Chhapana Bhoga Offering and Mahamantra Chanting – November

During the November month's bhajan program 4-hour non-stop mahamantra chanting and chhapana-bhoga offering will be organized by JOGA volunteers. Please stay tuned, invite your friends and volunteer to prepare an item.

Weekly Jogadarshan TV Schedule

JOGADARSHAN is an educational and philosophical internet TV program of Jagannath Organization for Global Awareness (JOGA). The internet TV program is broadcast twice a week as follows:

Sunday 10:00 -11:00 AM (EST/USA)
Sunday 9:00-10:00 PM (EST/USA)

Please see the live TV program by following the JOGADARSHAN link from JOGA webpage at http://www.jogaworld.org. For program information and for joining Q&A session please contact: jogadarshan@gmail.com

Check: **http://www.justin.tv/jogadarshan/videos**

Reports on Recently Completed JOGA Events

Katha by Sri Krsna Balaram Swamiji on August 18, 2012

On August 18th, 2012 JOGA sponsored Katha by the guest speaker Mahamandaleshwar Mahant Sri Krsna Balaram Swamiji from Bhagabat Samaj, Baltimore who spoke on "Power of Mantra" followed by Q&A. According to Swamiji "mantra" is supposed to be transferred from the teacher to the disciple and it is not something for public performance or public consumption. The effect of "mantra" can only be achieved when it is practiced according to the rules prescribed in the scriptures and the learned Guru

only knows that. The Guru only knows how to transfer that knowledge to the right disciple.

Sponsoring Bhagabat Katha by Dr Satish Sharma on July 21, 2012

On July 21, 2012 JOGA sponsored Bhagabat Katha by Dr Satish Sharma. There was also another guest speaker Dr Sarojini Sarangi from Orissa. She spoke about Jagannath traditions and how the concept of "jagat" is inscribed in every ritual in Jagannath temple.

By coincidence this bhajan program was attended by two famous Odissi dancers Mrs Meera Das and Mrs Sujata Mohapatra from Orissa.

Prabachana by Dr Sharma with beautiful bhajans kept the audience completely immersed that the time sense was not felt at all. Some of the clips of the melodious bhajans are available at JOGA website. Some of the devotees started dancing to the tunes of the bhajan singing.

Please check the video at

https://picasaweb.google.com/114968136254737410613/JogaBhajanWithSatishSharma

Rathayatra (Chariot Festival) on June 23, 2012

Like every year for the last five years, JOGA organized annual Rathaytra, i.e., chariot festival on June 23rd, 2012. This was the 6th year of celebration after the installation of the deities at Hindu temple in Adelphi, Maryland. Many devotees, both Odia families and regular Hindu temple devotees took part in this annual event with excitement and devotional energy. This year many new devotees joined participating in the dance during the one mile procession as well as in the preparation and serving of the food. The puja was performed by Pratap Dash early at 9 AM with rituals according to the instructions provided by Ramesh Rajguru of Puri. Bandita Mishra, Bijoylaxmi Dash and Sulochana Pattnaik were helping in Puja looking after all the technical details.

This time there was face painting of the children by Niru choudhury which was exciting for many

children. The chariot decoration, painting and other formalities were taken care of by Jeff Price, Tina Satpathy, Shashashar Mohapatra, Lalit Behera and Naresh Das.

Lord Jagannath had His journey through the neighborhood with beatings of the drum, dancing of the devotees and the joy of the community in spending a great time together immersing in the devotion.

Cocoanuts were broken in intervals to distribute to devotees that were following the route. Water bottles were delivered to those that needed. The crowd was cheerful although still trying to escape the heat with mental surrender to the Lord. The procession in the road was coordinated by Hemant Biswal and Dr Surendra Ray.

Finally Lord arrived back at the temple at about 12:30 PM. After thirst quenching watermelon, the devotees were served Prasad.

On June 24, 2012, Lord Jagannath, Devi Subhadra and Lord Balabhadra returned to their regular Mandap in the Bahuda Jatra.

The events are possible by generous donations by Odia families and the participation of the devotees. Many volunteers assisted in fundraising, food and Prasad preparation, decoration, puja services and other services. Mrs Sulochana Pattnaik lead the fundraising effort.

Rathayatra Pictures: http://www.babru.com/ryatra12
Rathayatra Videos: http://www.justin.tv/jogadarshan/

Snana Jatra on June 9, 2012

The **Snana Yatra** is the bathing festival conducted on the Purnima (full moon day) of the summer month of Jyestha. The deities jagannath, Balabhadra and Subhadra are brought out from the temple in a procession to "Snana Bedi" and they are ceremonially bathed and decorated for a public audience with the devotees.

JOGA organized Snana Jatra for the deities on June 9, 2012. Pratap Dash performed the puja. Devotees sang bhajan at the snana-mandap outside the temple. The weather was excellent. Devotees Debaki Nandan Chowdhury, Pranati Dash, Moushumi Pattanaik, Purnima Panda etc sang beautiful bhajanas in this outdoor event. The Lords were then taken to the old temple symbolizing the "Anasara Gruha". After the rituals, the devotees enjoyed Prasad. The Prasad was sponsored by Prafulla and Sangeeta Nayak, Gyana and Sujata Bahidar, and Jhinu and Shantanu Chhotray.

Report on Holi on March 10, 2012

JOGA organized 14th Holi celebration at Hindu Temple on March 10, 2012. This was attended by more than 200 participants including young and old.

The weather was sunny and bright and the mood was right for the display of colored hearts. It started with procession of the deities and then Arati and bhajan inside the temple. After the procession the deities were offered "Bhoga". Devotees did "Bandapana" and the children played with color. Purnima Panada presented Arati songs.

Several families brought the deities in "Bimana" for the procession.

Eva Mohapatra and Alok Mohanty were helping in the registration desk.

Debanjan Chowdhury welcomed the audience. Dharitri Banerjee and Shashwati Das managed in MC role. The singing group presented 3 beautiful songs, starting with *Sangachhadhwa from Rig Beda, then Dhira Samire (Ratisukha Sare) from Gitagobinda written by 18th Century poet Jayadeva, and final is Holi Welcome.* ***The Music Directors were*** Surendra Ray and Debaki Nandan Chowdhury. ***The Participants were:*** Deepa Parija, Pranati Dash, Bigyani Das, Maushumi Patnaik, Debaki N. Chowdhury, Purnima Panda, Meera Mphapatra, Nrusingha Mishra. Instrumental help in Tabla was provided by Naresh Das.

The cultural program by the children started with the Odissi Dance *Namami Mangalacharan by Adishree Nayak. choreographed by Sukanya Mukherjee from Mayur Dance Academy.*

Odissi Mangacharan Guru Brahma *was perfoirmed by Anisha Sullivan, Suchismita Ojha, Sanjana Das, Simoni Mishra, and Sulagna Dash: This was choreographed by Pallavi Das.*

In the classical dance category there were other presentations of ***Odissi Saberi Pallabi*** *by Smaraki Dash (Choreography by Pallavi Das) and* ***Odissi Mangalacharan Bakratunda Mahakaya*** *by* Lonika Behera (choreographed by Sujata Mohapatra & Jayantee Paine Ganguly). Swagata Patnaik presented Kuchipudi Dance Shivastakam.

The cultural program exhibited the right mix of music, dances and drama. The bollywood dances were presented by various groups; *by Ronel Saho and Anisha Ray* (choreographed by Susmita Sahu);

by Shibani Kanungo; by Ipsita Das, Shreya Tripathy, Urvi Dhala, Lin Sahu, Ashita Sahoo, and Aishani Pattnaik (choreographed by Susmita Sahu).

The other bollywood presentations were *by* Ritisha Dixit, Advika Dixit, Ritwik Hota, Raunak Hota, Anisha Nanda and Yash Nanda, Adyansh Das and Prabhav Panda that was taught by Nirlipta Chowdhury Dixit. The bollywood Bagla dance was presented by Sayon Subramanyan, Rohan Chanda, and Amartya Banerjee

The Ollywood dance ***Padare Pada Chhanda was presented beautifully*** *by* Disha Das and Adishree Nayak. This song is from movie Tapasya.

The Sambalpuri dance Ohre Kanchi was presented *by* Shreyan Dey, Yatin Prabhakar, Mohika Prabhakar, Simran Behera, Anika Satapathy, Hari Meka, and Reenea Dola Sen (choreographed by Sangeeta Dey).

This song was provided by Tarun Tripathy of OSA Convention 2010 Team. This was rerecorded in Odia by Amrita Pati who was the original choreographer of this dance piece. The lyrics was written by Shradha Sahu.

The brother-sister team Debanjan and Debanshi Chowdhury presented an Odia comedy "Traffic Police" which was hilarious.

Washington DC Odia community is enriched with many talents. The music talent is one of the greatest talents that the community is blessed with. The parents of young children also invest on passing away that gift by providing encouragement, training and inspiration. Among the music talents, the little children group Ritisha Dixit, Advika Dixit, Ritwik Hota, Raunak Hota, Anisha Nanda, Yash Nanda, Adyansh Das, and Prabhav Panda presented beautiful songs.

The second group of music was presented by the Odia students of Humayun Khan of India School. The performers were Simoni , Sanjana, Shevya, Sulagna, Sauman, Amrita, Disha, Spandan, Rishi, and Shivani. Instrumental accompaniment in Tabla was provided by Soumya Pattanayak

The third group presentation in music was ***" Aa Bhi Ja"*** from the movie ***Sur.*** The performers were: Neil Sen in Violin, Ishaan Dey in Keyboard, Neha Satapathy in flute, and Soumya Pattanayak in Tabla,

Our last music presentation was violin by Amartya Banerjee.

The comedy drama "Pakhala Mahotsaba" was presented by the adults, Bhupal Dev, Sandeep Pattanayak, Maushumi Pattanayak, Bigyani Das, Nrusingha Mishra, Meera Mohapatra, and Sikhanda Satpathy.

The dance presentation by the ladies of Maryland and Virginia and the music entertainment by Surajita, Bala Dixit and Subhashish Hota were the lasting attractions of the Holi event.

JOGA presented appreciation awards to two distinct volunteers, Mrs Bandita Mishra for her continuous

dedicated service for JOGA events and Jeff Price for his invaluable service for the success of Rathayatra event. Gatikrishna Tripathy presented the award.

The children were presented certificates by Mrs Dharitri Banerjee.

JOGA is thankful to Raj Pattnaik for managing the sound for more than 3 hours continuously without any break.

Some of the devotees that volunteered in major arrangements are - ***Food:*** Hemant Biswal, Bandita Mishra, Snigdha Hota and Lalit Behera; ***Decoration:*** Sangeeta Dey, Maushumi Patnaik, Purnima Panda and Tina Satapathy; ***Stage Management/Sound/Help:*** Satish Mishra, Raj Patnaik; ***Cultural:*** Dharitri Banerjee Deepa Das, Sangeeta Dey, Moushumi Pattanayak,, Susmita Sahu, Manashwini Sahu, and Bigyani Das.

The participants enjoyed delicious Prasad.
Holi pictures are available at http://www.babru.com/holi12.

ଜୟ ଜଗନ୍ନାଥ ଜୟ ମନୁଆ ଠାକୁର

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ

ଜୟ ଜଗନ୍ନାଥ ଜୟ ମନୁଆ ଠାକୁର
ମନ ମାନିଥିଲେ ଡାକ ଶୁଣନ୍ତି ସତ୍ୱର ।ପଦ।
ମେଲି ବଡ ବଡ ଆଖି
ଦେଖନ୍ତି ସବୁ ନିରେଖି
ସବୁ ଚିନ୍ତା ସବୁ କାମ
କିଛି ରହେନି ବାରଣ
ଏ ସାରା ଦୁନିଆ ସିନା ତାଙ୍କ ଖେଳଘର ।୧।
ଜେତେ ଯେ କରନ୍ତି ଛଳ
କେ କରି ପାରିବ କଳ
ପରଖନ୍ତି ଭକ୍ତ ମନ
ଦେଇ ବ୍ୟଥା ଦୁଃଖ ମାନ
କାନ୍ଦିଲେ ବିକଳେ ଲୁହ ପୋଛନ୍ତି ତତ୍‌ପର ।୨।
ସେନେହରେ ଛଡା ସେହି
ସେନେହ ପାଇଁ ସେ ବାଇ
ବିଶ୍ୱାସେ ବାନ୍ଧିଲେ ତାଙ୍କୁ
ବନ୍ଧା ପଡନ୍ତି କାଳକୁ
ସେ ପରମ ପଦ୍ମପାଦ ଆଶ୍ରୟ ମୋହର ।୩।

କଳାଶ୍ରୀ ମୁଖକୁ ଦେଖି

(ସଂଯୋଜିକା – ପ୍ରଣତୀ ଦାଶ, ରକ୍‌ଭିଲ୍, ମେରୀଲାଣ୍ଡ)

କଳାଶ୍ରୀ ମୁଖକୁ ଦେଖି
ଆଖି ମୋ ରହିଲା ଲାଖି
ଆହା କି ସୁନ୍ଦର ଦିଶେ ଚକାନୟନ ...
ଆହା କି ସୁନ୍ଦର ଦିଶେ ଚକାନୟନ ।ପଦ।
ବଡଦାଣ୍ଡେ ଚାଲୁଥିବି ତୋ ଅଭଡା ଖାଉଥିବି
ବାଇଶି ପାହାଚ ପରେ ଦିଅ ଆସ୍ଥାନ ।୧।
ତୋ ରଥ ଦଉଡି ଧରି ଟାଣୁଥିବି ଭିଡିଭିଡି
ବିଜେକର ବିଜେକର ପତିତପାବନ ।୨।
ତୁଳସୀର ଜଳ ପାଇ ସୁନାବେଶ ଚାହିଁଚାହିଁ
ଏତେ ଭାଗ୍ୟ ହେବ କି ମୋ କଳାବଦନ ।୩।

Rathayatra 2012 Sponsors

Urmila Mohapatra
Naresh and Bigyani Das
Bandita and Nrusingha Mishra
Hemant and Priti Biswal
Joy Gopal and Sulochana Mohanty
Ram Nayak
Abani Pradhan and Debasmita Patra
Mausumi and Sandeep Pattanaik
Ajay and Neeta Mohanty
Anu and Nilambar Biswal
Jhinu and Santanu Chotray
Babru and Jayshree Samal
Pradeep and Susmita Behera
Anasuya and Bijoy Dash
Manoj Mishra and Snigdha Hota
Bandita and Binod Nayak
Lalit and Hema Behera
Gati and Lali Tripathy
Bikash and Dipti Mishra
Leena and Bimal Mishra
Sudip and Susmita Pattanaik
Dilip and Sudhira Pattanaik
Baibaswata Nayak and Purnima Panda
Prafulla and Sangeeta Nayak
Devaraj and Urmila Sahu
Pranati and Tapash Dash
Gyana and Sujata Bohidar
Shashi Mohanty
Santosh Nayak and Rashmita Jena
Brahmapriya and Sikha Sen
Prakash and Munu Sahu
Sikhanda and Tina Satpathy

Total sponsorship $3705.00
Expenses:

Temple/priest $750
Ratha improvement - $425.00
Decoration - $78.45
Food - $1178.30
Procession - $565
Paper products - $165.00

Total - $3241.75

Holi 2012 Sponsors

Children Prize Sponsor: Chinmaya Mohanty and Sudipty Patra
Balabhadra Sponsors: Anonymous,, MD; Nrusingha and Bandita Mishra, MD
Jagannath Sponsors: Anu and Nilamabar Biswal, MD; Hemant and Priti Biswal, VA; Joy Gopal and Sulochana Mohanty, MD; Shashadhar and Meera Mohapatra MD
Nilachakra Sponsors: Munmaya and Bidyu Mishra, VA

Bhajan Program sponsors: We thank all the families for regularly participating in bhajan program activities. Bhajan program consists of group bhajan singing, Arati, discussion and Prasad. On eventful occasions, special traditions are followed. **(Note: All the bhajan participants are requested to bring their JOGASUTRA book to the bhajan program to sing along group bhajans. If you have not received a book, please let us know.)** Our heartfelt thanks to the following families for sponsoring feasts on different months:

Lalit and Hema Behera, MD
Bijoy and Sinu Dash
Shantanu and Jhinu Chhotray, VA
Prafulla and Sangeeta Nayak, VA
Gyana and Sujata Bohidar, VA
Debanand and Deepa Das
Joydeep and Dharitri Banerjee
Rosy and Biswa Mohapatra

JOGA takes this opportunity to thank the temple committee members of Hindu Temple and the priests and volunteers for the success of monthly bhajan programs as well as other events. Temple priests Pitambar Dutt Sharmaji and Ram Narayan Shashtriji have been very resourceful.

Wise Thoughts:

Henry David Thoreau
Good for the body is the work of the body, and good for the soul is the work of the soul, and good for either is the work of the other.

Frank Lloyd Wright
The truth is more important than the facts.

Sir Winston Churchill
Success is the ability to go from failure to failure without losing your enthusiasm.

Plato
The first and greatest victory is to conquer yourself; to be conquered by yourself is of all things most shameful and vile.

Charles Dickens
Have a heart that never hardens, a temper that never tires, a touch that never hurts.

ଉନ୍ମୋଚନ

ସୂଚୀପତ୍ର

ସଂପାଦକୀୟ	ସୁଲୋଚନା ପଟ୍ଟନାୟକ
ସୁନାମୃଗ	ସତ୍ୟ ପଟ୍ଟନାୟକ
ପଳାଶର ଶିଖା	ଲକ୍ଷ୍ମୀଧର ନାୟକ (ପାଠକ) ବିନୋଦ ନାୟକ
ଆମ ଗାଁ ନାରୀଗାଁ	ଶଶଧର ମହାପାତ୍ର
ଅନ୍ତରଙ୍ଗ ଓଡିଶା	ବିଜ୍ଞାନୀ ଦାସ
ତୁ ଖୋଜୁଛୁ ଯାହାକୁ ବନେ ପାହାଡେ	ଲକ୍ଷ୍ମୀଧର ନାୟକ (ପାଠକ) ବିନୋଦ ନାୟକ
ପ୍ରଥମ ଅନୁଭୂତି	ସ୍ନିଗ୍ଧା ହୋତା
ସାଂପ୍ରତିକ ବାର୍ତ୍ତାଳାପ	ଶିଖଣ୍ଡ ଶତପଥୀ
ଚାଲ ଆମେ ଫଗୁଣ ମାଖିବା	ଦିଲ୍ଲୀପ ରଥ
ଶିଶିର ରାତିରେ	ଦିଲ୍ଲୀପ ରଥ
ଖେଚୁଡି ବସନ୍ତ	ଦେବରାଜ ସାହୁ
ବୀଣା ଦେଇ	ସୁଲୋଚନା ପଟ୍ଟନାୟକ

ଉନ୍ମୋଚନ

ସାହିତ୍ୟକୁ ସାହିତ୍ୟିକର ମାନଦଣ୍ଡରେ ମାପିବା ଏକ କଷ୍ଟକର ବ୍ୟାପାର । କାବ୍ୟମାନସର ଆତୁର ଆତ୍ମପ୍ରକାଶ କେତେବେଳେ କେମିତି ଘଟେ ତାକୁ ମାପିବା ସମ୍ଭବ ନୁହେଁ । କବି କିମ୍ବଦନ୍ତୀକୁ କବିତାରେ ପରିଣତ କରିବାର ପ୍ରୟାସ କରେ । କବିତାରେ ପସ୍ଫୁଟିତ ଜୀବନୀ ଶକ୍ତି, ବିଦ୍ରୋହର ନିଶାଣ, ଅତୀତ ପ୍ରତି ତୃଷ୍ଣା ଓ ଭବିଷ୍ୟତ ଆମନ୍ତ୍ରଣକୁ ପ୍ରକାଶିତ କରିଥାଏ, ଯାହା ମାନବ ସମାଜକୁ ଆଶାବାଦୀ କରାଏ । କବିତାରେ ଆମେ ଇତିହାସ ଦେଖି ପାରୁ । କିନ୍ତୁ ଇତିହାସରେ କବିତା ଦେଖି ହୁଏ ନାହିଁ । କବି ମାନସ, ଇତିହାସକୁ ସହଜ ସରଳ କରି ପୁଣି ଆମ ସମ୍ମୁଖରେ ଉପସ୍ଥାପିତ କରେ । କବିର କବିତାରେ ରହିଥାଏ ପରଂପରା ଓ ଭବିଷ୍ୟତର ଆଶାବାଦୀ ସ୍ୱର ଅବା କେତେବେଳେ ପ୍ରତିଫଳିତ ହୋଇଥାଏ ସମାଜ - ଯାହା କବି ପ୍ରାଣକୁ ଆନ୍ଦୋଳିତ କରିଥାଏ ।

ଏପ୍ରିଲ ୧୪, ୨୦୧୨ ରେ ଆୟୋଜିତ କବିତାପାଠୋତ୍ସବର ଦ୍ୱିତୀୟ ଆସରରେ ମେରୀଲାଣ୍ଡର କେତେକ ଅଧିବାସୀ ମିଳିତ ହୋଇ ନିଜସ୍ୱ କବିତା ପାଠ କରିବା ସହିତ କେତେକ ପ୍ରତିଷ୍ଠିତ କବିଙ୍କ କବିତା ପାଠ କରି ଓଡିଆ ସାହିତ୍ୟ ପ୍ରତି ସେମାନଙ୍କର ଗଭୀର ଅନୁରକ୍ତିର ପରିଚୟ ପ୍ରଦାନ କରିଥିଲେ । ଓଡିଆ ସାହିତ୍ୟକୁ ଆମେରିକା ବାସୀ ଓଡିଆ ମାନଙ୍କର ଜୀବିତ ରଖିବାର ଉଦ୍ୟମ ନିଶ୍ଚିତ ପ୍ରଶଂସା ଯୋଗ୍ୟ । ସାହିତ୍ୟର ଗନ୍ତାଘରକୁ ଉନ୍ମୋଚନ କରିବାରେ ଅଭିରତ ଆମ ମାନଙ୍କଭିତରୁ କିଛି କବିଙ୍କର ପଠିତ କବିତା ଏ ବିଭାଗରେ ପ୍ରକାଶିତ । ଆଶା କରେ ଏଇ ଆସର ପରଂପରାରେ ପରିଣତ ହେବ । ଆପଣମାନଙ୍କର ମିଳିତ ଉଦ୍ୟମର ଉତ୍ତରତ୍ତୋର ଉନ୍ନତି କାମନା କରୁଛି ।

ସୁଲୋଚନା ପଟ୍ଟନାୟକ

ସୁନାମୃଗ

ସତ୍ୟ ପଟ୍ଟନାୟକ

ସୁନାମୃଗ ମାଗିଲ ବୋଲିତ
ଦଉଡି ଆସିଲି ସାତସମୁଦ୍ର
ତେରନଈ ପାରହୋଇ
ଯୋଜନ ଯୋଜନ ଦୂର
ସବୁକିଛି ସମ୍ପର୍କକୁ କାଟି ।
ଏବେ କହୁଛ ମୃଗ ଫୁଗ
କିଛି ଆଉ ଲୋଡା ନାହିଁ
ସବୁ କାଳେ ମାୟା, ପ୍ରଦେଳିକା
ପାରିବତ ଫେରାଇଦିଅ
ମୋର ଅପଡୁରା ଜନ୍ମ ଭିଟା ମାଟି ॥

ସୁନାମୃଗ ମାଗିଲ ବୋଲିତ
ପଛରେ ଛାଡିଆସିଲି ପିଲାଦିନ
ଧୂଳିଘର ସବୁଜ ଫସଲ
ପବନରେ ଝୁଲୁଥିବା
ନେତ୍ରାନେତ୍ରା ତମାଳ ଟଗର
ଲଙ୍ଗଳମୂନରେ ଲେଖା
କେରାକେରା ମାଟିର ସିଆର ।
ଏବେ କହୁଛ ମୃଗ ଫୁଗ
କିଛି ଆଉ ଲୋଡା ନାହିଁ
ଲୋଡା ନାହିଁ ହୀରା ଆଉ ନୀଳାର ଭଣ୍ଡାର
ଲୋଡା ନାହିଁ ମର୍କତର ଚନ୍ଦ୍ରଲେଖା ହାର
ପାରିବତ ଫେରାଇଦିଅ
ମୋ ସଭାର ଅଧାଗୁନ୍ଥା ଶ୍ୱେତ ମଲ୍ଲୀମାଳ ॥

ସୁନାମୃଗ ମାଗିଲ ବୋଲିତ
ପଛରେ ଛାଡିଆସିଲି ନଈକୂଳ
କାଶତଣ୍ଡୀ ପବନର ବୋହୂଚୋରି ଖେଳ
ଶ୍ରାବଣୀର ପାଦେବନ୍ଧା
ନୂପୂରର ଉଚ୍ଚାଙ୍ଗ ଝଙ୍କାର
ବୋଉର ପଣତକାନି
ଗାଆଁର କିଶୋରୀ ମନ
ସେ ମନର ଦର୍ପଣରେ
ଦିଶୁଥିବା ସ୍ୱପ୍ନ ଜଳଜଳ ।
ଏବେ କହୁଛ ମୃଗ ଫୁଗ
କିଛି ଆଉ ଲୋଡା ନାହିଁ
ଲୋଡା ନାହିଁ ଆକାଶକୁ ଛୁଉଁଥିବା
ସୁନାର ପ୍ରାଚୀର ଘେରା ମୃତ୍ୟୁର ମହଲ
ଲୋଡା ନାହିଁ ପ୍ରବାସର କଂସ କାରାଗାର
ପାରିବତ ଫେରାଇଦିଅ
ମୋ ଆଖିର ଅଧାପିନ୍ଧା ପ୍ରୀତିର କଜ୍ଜଳ ॥

୭୪୬୪ ଓ୍ୱିଜଡମ୍ ଲେନ୍, ଡବଲିନ୍,
ଓହିଓ ୪୩୦୧୬, ଯୁକ୍ତରାଷ୍ଟ୍ର ଆମେରିକା

ପଳାଶର ଶିଖା

(ଲକ୍ଷ୍ମୀଧର ବୟନିକାରୁ ଉଦ୍ଧାରିତ ଓ ବିନୋଦ ନାୟକଙ୍କ ଦ୍ୱାରା ପଠିତ)

କର୍ମ ବ୍ୟସ୍ତ
ମୋ' ମନକୁ ଆରାମ ଦେବାକୁ ବେଳେ ବେଳେ ଡାକେ ଯେ ବସନ୍ତ
ସିଏ ମୋର ଖୁବ ଚିହ୍ନା ଖୁବ୍ ପରିଚିତ
ସିଏ ମୋର ଶ୍ରମର ସସ୍ମିତ
ଖୁସିର ଗୋଲାପି
ମୁଁ ତାକୁ ଭୁଲିଲେ କେବେ, ସିଏ ମୋତେ ଭୁଲେନା କଦାପି ।

ଆସି ଡାକି ନିଏ
ନିବିଡ ଫାଲଗୁନେ
ସବୁ କିଛି ଭଦଡାରେ ମୁଁ ବି ଫାଙ୍କି ଦିଏ
ଉଡିଯାଏ ନୀଳିମାର ଶୁନ୍ୟେ ।

ଭୁଲିଯାଏ ଟଙ୍କାର ଭାବନା,
ଟିକିଏ ଭୁଲିବା ଲାଗି ଚେଷ୍ଟା କଲେ ଦେଖେ ବିବର୍ଣ୍ଣ ଜହ୍ନନା
ହଠାତ୍ ଜାଗତ,
ବସ୍ତି, ଜନପଦ,
ପାହାଡ, ପ୍ରାନ୍ତର, ନଦୀ, ସହର, ସମୁଦ୍ର,
ମୁଲାଏମ୍ ରୁଦ୍ର ।

ନିର୍ଜନତା, ମୁଖର ଚଞ୍ଚଳ
ସଂଘର୍ଷର ଝଡ ତଳେ ଆଶ୍ଚର୍ଯ୍ୟ ସୁନ୍ଦର
ଏ ଜୀବନ
ଜୀବନର ସ୍ୱପ୍ନ ଆଉ କୁସୁମ ନୟନ ।

ପୃଥିବୀଟା ଦରମଲା, ଏଠି କିଛି ନାଇଁ
ଖାଲି ପେଡ ଛାଇ
ଭୋକିଲା ପ୍ରାଣର !

ଭୀରୁ ପଳାତକ ଦଳ
ଯେଉଁମାନେ କେବଳ ଦେଖନ୍ତି
ପ୍ରାଣସତ୍ତା ଭୁଲୁଣ୍ଠିତ ଏଠି,
ଚାରିଆଡେ ଝରାପତ୍ର ସ୍ତବ୍ଧତାର ଚିହ୍ନ
ସେମାନେ ବିଚ୍ଛିନ୍ନ
ହୁଏତ, ଜୀବନବୋଧ ଦୃଷ୍ଟିଭଙ୍ଗୀଠାରୁ
ଦିନର ପ୍ରଚଣ୍ଡ ଖରା, ରାତିର ପ୍ରଶାନ୍ତି ତଳେଘୁମନ୍ତ ସ୍ୱପ୍ନାକୁ
ଆତ୍ମାର ସତ୍ୟଠୁ
ସୃଜନର ଛାୟା-ଦୃଶ୍ୟପଟୁ ।

ମୋଜୀବନେ, ଫର୍ନିସ୍ ଫ୍ୟାକ୍ଟରୀ,
ପ୍ରକୃତିର ଚନ୍ଦିଳ କାକଳୀ,
ଉଭୟେ ଦର୍କାର
ହାଡଭଙ୍ଗା ପରିଶ୍ରମ ଶେଷେ ଫୁଲଫୁଟା ଉଦ୍ୟାନ ବିହାର ।

କାଲି ଜ୍ୟୋସ୍ନା, ମଳୟ ନୁହେଁ କି
ବଞ୍ଚିବାର ପରିପ୍ରେକ୍ଷି
ମେସିନ୍ ବା କଳ-କବ୍‌ଜା ନୁହଁ
ହସ ଖୁସି ଲୁହ
ସବୁ ଲୋଡା, ସମଭାବେ ଲୋଡା
କଳ୍ପନାର କୋଣାରକ ତୋଳା
ହେଇନି କେବଳ ଚୁନ ସିମେଣ୍ଟ ପ୍ରସ୍ତରେ
ହାତୁଡି ଚାଳନା ତଳେ
ମେହନତି ମଣିଷର ମନ
ସେଠି ବି ଖୋଜିଚି କିଛି ପ୍ରେମ ଆଉ ନୁପୁର ନିକ୍କଣ
ଲାସ୍ୟମୟୀ ଷୋଡଶୀର କଣ୍ଠର ଲାଳିତ୍ୟ
ଅଭିସାର ନୃତ୍ୟ ଆଉ ଗୀତ ।

ମଣିଷର ସତ୍ୟ ଆଉ ସତ୍ୟ ତା'ର ଆଦିମ ପ୍ରକୃତି
ସୃଷ୍ଟିଶୀଳ ପ୍ରାଣ ଖୋଜେ କିଛି ପ୍ରୀତି, ପ୍ରେରଣା, ସ୍ୱୀକୃତି ।

କର୍ମଠ ପ୍ରାଣର ସେଇ ଅସରନ୍ତି ପ୍ରେମର ଉଚ୍ଛ୍ୱାସ
ମୁଁ ବି ଏକ ଫୁଟନ୍ତ ପଲାଶ ।

ଖଟେ ଆଉ ଆରାମ ବି କରେ
ଲେଖେ ପଢେ
ସପ୍ନ ଦେଖେ ସୁଖ ଶାନ୍ତି ଅସରନ୍ତି ପ୍ରେମ
ଶସ୍ୟ-ହେମ
କଳ୍ପନାର କ୍ଷେତେ ।

ଆୟୁ ବଢେ ଯେତେ
ସେତେ ଆଉ ବଞ୍ଚିବାର ଲୋଭେ
ଲୁଚି ଲୁଚି ଛପି
ବୟସର ମେଘନାଦ ଟପି
ଯାଏ ସଙ୍ଗୋପନେ
ପ୍ରେୟସୀର ହାରେମ ନିର୍ଜନେ ।

ମୋର ବି ରହିଚି କାହିଁ ନିଭୃତ ନାୟିକା
ମୁଁ ବି ଏକ ପ୍ରେମଦୀପ୍ତ ପଳାଶର ଶିଖା ।

ଆମ ଗାଁ, ନାରୀଗାଁ

(ଶଶଧର ମହାପାତ୍ର, ସିଲ୍‌ଭର ସ୍ପ୍ରିଙ୍ଗ୍ , ମେରୀଲ୍ୟାଣ୍ଡ)

କେତେ ପାରାବାର ଅତିକ୍ରମ କରି
ପହଞ୍ଚିଥିଲି ମୁଁ ଏଠି
ଆଜି ଫେରିଯିବି କାଲି ଫେରିଯିବି
ବର୍ଷ, ବର୍ଷ ଗଲା ବିତି

ସପନ ଡେଣାରେ ଭାସି ଭାସି ଆସି
ପହଞ୍ଚିଲି ଏତେ ଦୂରେ
ଜନମ ମାଟିର ଗନ୍ଧ ଚାଖିବାକୁ
ଆଜିବି ମୋ' ମନ ଝୁରେ

ରଙ୍ଗ ଦେଇଥିଲା ମୋର ମନ, ପ୍ରାଣ
ମୋହର ଜନମ ମାଟି
ବିଦେଶ ଭୂମିରେ ବସା ବାନ୍ଧିଅଛି
ତିରିଶି ବରଷ କାଟି

ଏ ଦେଶର ପାଣି, ଆଲୁଅ, ପବନ
ରଖିପାରିଛିକି ବାନ୍ଧି ?
ଏ ମଣିଷ ମନ, ହୃଦୟର ଛନ୍ଦ
କେବେ ହୋଇଛିକି ଛନ୍ଦି ?

ଏ ଜଟିଳ ପ୍ରଶ୍ନ ପଚାରେ ନିଜକୁ
ଉତ୍ତର ପାଏନା ଖୋଜି
ଝିଅକୁ ପଚାରେ, ପୁଅକୁ ପଚାରେ
ସ୍ତ୍ରୀ କହେ ତୁମେ ପାଜି

ଯେଦେଶେ ରହିଲେ ସେଦେଶ ଆମର
ଝିଅ କହେ ବାରମ୍ବାର
ଆମେ ସବୁ ଲୋକ ଗୋଟିଏ ବିଶ୍ୱର
ବିଶ୍ୱ ଏକ ପରିବାର

ସ୍ତ୍ରୀ କହେ ମୋତେ ରହିବ ସେଇଠି
ଯେଉଁଠି ରହିବେ ପିଲା
ତୁମେ ଯାଅ ପଛେ ରହିବ ଗାଁରେ
ରହିବ ତୁମେ ଏକଲା

ବୋଉବି ଗଲାଣି, ବାପାବି ଗଲେଣି
ହଜିଲାଣି ପିଲାଦିନ
ସେମାନଙ୍କ କଥା ଭାବିଦେଲେ ମନେ
ଲୁହ ଝରେ ଚିରନ୍ତନ

ତିରିଶି ବରଷ ବିତିଥିଲା ସେଠି
ଭାଇ, ଭଉଣୀଙ୍କ ମେଳେ
ଜୀବନରେ ତାହା ପ୍ରଥମ ଅଧ୍ୟାୟ
ସହଜେ କି ମନ ଭୁଲେ

ସୁରକ୍ଷିତଥିଲା ଧନ ଓ ଯୌବନ
ବୋଉ ବଞ୍ଚିଥିଲା ବେଳେ
ସାଧାସିଧାଥିଲା ଜୀବନଯାପନ
ବାପା ପାଖେପାଖେ ଥିଲେ

ବାପାଥିଲେ ତ୍ୟାଗି, ଜଣେ ବଇରାଗୀ
ସାଧକ, ସିଦ୍ଧ ପୁରୁଷ
ମଝିଖୁଣ୍ଟ ଭଳି ସହି ଯାଉଥିଲେ
ଆସିଲେ ବାଆ ବତାଶ

ନୀରବରେ ଆମେ କାନ୍ଦୁଥିଲାବେଳେ
ଶୁଣୁଥିଲା କେହିଜଣେ
ସେ ଶବ୍ଦ ତା' ପାଶେ ପହଞ୍ଚିଲେ
ବିଚଳିତ ହୁଏ କ୍ଷଣେ

ସରୁସରୁ ହାତ ପରଶ କରଇ
ଛାଏଁ ଛାଏଁ ଲମ୍ବି ଆସି
ଦରଦୀ କଣ୍ଠରେ, ପଣତ କାନିରେ
ଆଖି ଲୁହଦିଏ ପୋଛି

ମା'ର ମମତା, ଦିପଦ କଥା
ହୃଦୟକୁ ଛୁଇଁଥାଏ
ଜୀବ ଥିବାଯାଏ ଶିଶୁଠାରୁ ବୃଦ୍ଧ
ମା'କୁ ହିଁ ଝୁରିହୁଏ

ଭଲପାଇବାର ମନ୍ତ୍ର ଦେଇଥିଲା
ସାଧାରଣ ମା' ଟିଏ
ତା' କୋଳେ ଜନମ, ସେ ସ୍ୱର୍ଗଧାମ
ତା କଥା କି ଭୁଲି ହୁଏ ?

ବାପା ବୋଉ ବିନା ଦୁଃଖ ଓ ବେଦନା
ବଢି ବଢି ଯାଏ ସିନା
ଯେତେ ଚେଷ୍ଟାକଲେ ଲୁଚାଇବାପାଇଁ
ଉଙ୍କିମାରେ ସେ ଭାବନା

ଯୌବନରେ ମୁହିଁ ପହଞ୍ଚିଲା ବେଳେ
ଦାଣ୍ଡିଆ ମାରିଲି ଯେବେ
ସ୍ୱର୍ଗକୁ ବାନ୍ଧିଲି ଯେତେଥର ସିଡି
ହାତ ପାଆନ୍ତାରେ ଲାଗେ

ବାର୍ଦ୍ଧକ୍ୟ ଜୀବନେ ପାଦଦେଇ ଆଜି
ନିଃସହାୟ ଲାଗେ ସତେ
ଜୀବନ ମରୁରେ ମରୁଦ୍ୟାନ ପାଇଁ
ସାହାରା ମୁଁ ଖୋଜେ କେତେ

ଗାଁଟି ହେଲାଣି ଚନ୍ଦନ ଶ୍ରୀକ୍ଷେତ୍ର
ଚନ୍ଦନ ଚନ୍ଦନ ବାସେ
ଶ୍ରୀଜଗନ୍ନାଥଙ୍କ ମନ୍ଦିର ସକାସେ
ଗାଁଦାଣ୍ଡ ଆଜି ହସେ

ନେତଟି ତୁମର ଉଡେ ଫର ଫର
ଦି କୋଶ ବାଟ ଦିଶେ
ଚୁମ୍ବକ ପରାଏ ଟାଣିନିଏ ମନ
ନେବାପାଇଁ ତୁମ ପାଶେ

ଧନ୍ୟ ହେଲା ଗାଁ, ଧନ୍ୟ ହେଲା ମାଟି
ଧନ୍ୟ ହେଲା ତୁମ ପାଇଁ
ତୁମ ଆବିର୍ଭାବେ ଜଗତ ଜାଣିଲା
ନାରୀଗାଁ ଗ୍ରାମ କାହିଁ ?

ନାହିଁଯେ ସାଗର, ନାହିଁ ନୀଳଢେଉ
ନାହିଁ ଢେଉ ଭାଙ୍ଗିବାର
ଏଠି ଅଛି କିନ୍ତୁ ଦକ୍ଷିଣା ପବନ
ଶୀତ ଲାଗେ ବାରମ୍ବାର

ଗାଁ ପରିବେଶ ଅତୀବ ସୁନ୍ଦର
ମିଳେ ନାହିଁ ସହରରେ
ଗଛ, ଲତା, ପକ୍ଷୀ ଭରପୂର ଏଠି
ଅଭାବ ଅଛି ମନରେ

ଗାଁ ଛାଡି ଆଜି ପଳାଇ ଯାଆନ୍ତି
ବହୁ ଲୋକେ ସହରକୁ
ଅର୍ଥର ସାମର୍ଥ୍ୟ, ଶିକ୍ଷାର ବ୍ୟବସ୍ଥା
ବାଧୁଛି ଅନେକ ତାଙ୍କୁ

ବୁଢା, ବୁଢି ଯେତେ ରହିଲେ ଗାଁରେ
ତାଙ୍କର ଦୁର୍ଦ୍ଦଶା ଦେଖି
ମନେହୁଏ ସତେ ଆମ ଦିନ କାଳ
ବେଶି ବେଳ ନାହିଁ ବାକି

ତୁମରି ଦର୍ଶନ କରିବାକୁ ପ୍ରଭୁ
ଭକ୍ତ ଆସେ ଅଭିଳାସେ
କି ସୁନ୍ଦର ତୁମ ଭେକ ଭାକ ଦେଖି
କିଏ କାନ୍ଦେ କିଏ ହସେ

ଯିଏ ଖୋଜୁଥାଏ ଅନେକ ଭକ୍ତିରେ
ତାକୁ ଦେଖା ଦିଅ ନାହିଁ
ଯିଏ ନଖୋଜୁଛି ତୁମକୁ ସାଇଁ ହେ
ଦେଖାଦିଅ କାହିଁପାଇଁ ?

ତୁମରି ମାୟାକୁ ତୁମେ ବୁଝିନାହଁ
ମଣିଷ କାହୁଁ ବୁଝିବ ?
ଯୁଗ ଯୁଗଧରି ମାୟାଜାଲେ ପଡି
ଛଟପଟ ହେଉଥିବ

ତୁମେ ମୋ'ର ପିତା ତୁମେ ମୋ'ର ମାତା
ତୁମେ ଆତ୍ମୀୟସୋଦର
ତୁମେ ମୁକ୍ତିଦାତା, ତୁମେ ଜ୍ଞାନଦାତା,
ତୁମେ ବନ୍ଧୁ, ସଖା ମୋର

ଏତିକି ମୀନତି ହେ ଜଗତପତି
ଏତିକି ସୁଦୟା ହେଉ
ଶେଷ ଜୀବନରେ ଯେଉଁଠିଥିଲେବି
(ନାରୀଗାଁରେ/ତୁମ ପାଦେ) ଜୀବ ଯାଉ

ଅନ୍ତରଙ୍ଗ ଓଡିଶା

(ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ, ଏପ୍ରିଲ୍ ୧୪, ୨୦୧୨)

ମୋ ବାହାର ଆଉ ଅନ୍ତର ଭିତରେ
ହଠାତ୍ ସୃଷ୍ଟି ହୋଇଯାଏ ଅନେକ ଦୂରତା
କୋର୍ଟ ପ୍ୟାଣ୍ଟ୍ ପିନ୍ଧା ଚେହେରା ଭିତରେ
କାଚ ଦୁଇପଟ ଝଣଝଣ ହେଉଥାଏ
ସିନ୍ଥାରେ ନାଲି ସିନ୍ଦୂର ଦେଖି
ସହକର୍ମୀ ପଚାରନ୍ତି, 'ଏ କଣ ହେଲା?'
ମୁଁ ଉତ୍ତର ଦିଏଁ, 'ଏ ମୋର ପରିଚୟ'
ମୁଁ ଆମେରିକାର ନାଗରିକ ହେଲେବି
ଓଡିଶା ମୋର ଅନ୍ତରଙ୍ଗ
ଓଡିଶାର ସଂସ୍କୃତି, ସଣ୍ଢଣା
ମୋର ବାରମ୍ବାର ମନେ ପଡିଯାଏ
ମୋ ଅସ୍ତିତ୍ୱ ହଜିଯାଏ
ଭୁଲି ହୋଇଯାଏ
ମୁଁ ମୋତେ ଖୋଜିପାଏ
ଅନେକ ଅସ୍ୱସ୍ତିର ଚକ୍ରବ୍ୟୂହ ଭିତରେ ।

ସ୍ମୃତିରେ ଭାସିଯାଏ ଚିତ୍ରସବୁ
ହଜାର ହଜାର ମାଇଲ୍ ଅତିକ୍ରମ କରି
ମନ ପହଞ୍ଚିଯାଏ ସେ ଗାଁ ଘରେ
ଛାତ ଉପରେ ବସିଯାଏ ସପଟିଏ ପାରି
ଜହ୍ନକୁ ଚାହିଁ ସ୍ୱପ୍ନ ଦେଖେ
ଦୁନିଆର ଜଞ୍ଜାଳ ସବୁ
ଧୂଳିକଣା ଆଉ ପବନରେ ଲୀନ ହୋଇଯାନ୍ତି
ଥାଏ ଖାଲି ନୀରବତା
ନଡିଆ ଗଛର ପତ୍ର ଖସଖସ
ସତେଜ ଓ ସରଳ ଜୀବନ
ଛୋଟ ଛୋଟ ନିତିଦିନିଆ କଥାରେ
ଲୁଚି ରହିଥାଏ ବିରାଟ ସୃଷ୍ଟିର ସୂତ୍ର ସବୁ ।

ସେଠିବି ଯନ୍ତ୍ରଣା ଥାଏ,
ଦ୍ୱନ୍ଦ୍ୱ, ଡୋର, ମୋର
ସରଳ କପଟ ସବୁ
ସେଠି ବି ଦୁଃଖ ଥାଏ
ମଇଳା ପାଣି ପିଇ ହଇଜାରେ ମଣିଷ ମରନ୍ତି
କଅଁଳା ଶିଶୁ ଶବ ପାଲଟିଯାଏ
ଜମିବାଡି ବାଣ୍ଟକୁଣ୍ଟ, ରକ୍ତର ସଂପର୍କ ଭାଇ ଭଗାରି ସାଜନ୍ତି
ରାଜନୀତି ଖେଦିଯାଏ
କାଲିର ବନ୍ଧୁ ସାଜେ ଆଜିର ବଇରୀ
ବେଳେବେଳେ ଝଡ ଆସେ
ନଷ୍ଟଭ୍ରଷ୍ଟ ଯୁଗର ସନ୍ତକ
ବନ୍ୟାପାଣିରେ ଭାସିଯାଏ
ହାଡଭଙ୍ଗା ପରିଶ୍ରମ ପୁଞ୍ଜି ।
ସବୁ ପୁଣି ଠିକ୍‌ଠାକ୍ ହୋଇଯାଏ
ମନ ବୁଝିଯାଏ,
ମୁଁ କିଏ, ଏ ଦୁଃଖ କାହାର?
ସଂସାର ପରା ରଙ୍ଗମଞ୍ଚ
ସବୁ ମାୟା ସ୍ରଷ୍ଟା ଖେଳଘର
କର୍ମରେ ସିନା ଅଧିକାର
କର୍ମଫଳ ନୁହେଁ ତ ମୋହର ।

ବଡବଡ କଥାନେଇ ଗବେଷଣା କରୁଥିବା ବେଳେ
ସେ ବଡବଡ ଚକା ଆଖିଦୁଇଟି
ମୋ ଭାବନାକୁ ଆଚ୍ଛାଦିତ କରିଦିଅନ୍ତି
ମହାପ୍ରସାଦ ହଠାତ୍ ମହମହ ହୋଇ ବାସିଯାଏ
ମହାନତାର ବିଶାଳ ଚିନ୍ତନ ସବୁ
ମୋ ମନକୁ ବାନ୍ଧିଦିଅନ୍ତି
ଅତର୍କିତ ଭାବେ, ଅନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ,
ସୁଖରେ, ଦୁଃଖରେ ହସରେ, ଲୁହରେ ।

ମୁଁ କାହା ଉପରେ ହୃଦୟ ଭରି ରାଗିପାରେନି
ମୁଁ କେଉଁ ଖୁସି ମୁହୂର୍ତ୍ତରେ
ମନଖୋଲି ହସି ବି ପାରେନି ।

ଅନ୍ତରଙ୍ଗ ଓଡିଶାର ଆଧ୍ୟାତ୍ମିକ ଚେତନା
ମତେ ଅଭିଭୂତ କରେ, ଆବଦ୍ଧ କରେ
ପ୍ରବାହିତ କରିଦିଏ କେତେ ଯେ ଆଲୋକରେଣୁ
ମୋ ରକ୍ତରେ, ମାଂସରେ, ଶିରା ପ୍ରଶିରାରେ

ସେତେବେଳେ ମୋ ଆତ୍ମା ବିଲୀନ ହୋଇଯାଏ
ପରମାତ୍ମାରେ
ମୁଁ ପାଲଟିଯାଏ ସର୍ବେସର୍ବା, ସର୍ବ ଶକ୍ତିମୟୀ
ସମସ୍ତ ଆଧାର, ମୋ ଜୀବନର, ମୋ ସ୍ଥିତିର
ମୁଁ ଯାହା ଚାହେଁ, ସେ ସବୁ ସତ ହୋଇଯାଏ
ନିଜକୁ ମୁଁ ବୁଝିବା ପୂର୍ବରୁ
ମୁଁ ପାଲଟି ଯାଇଥାଏ
ସବୁର କାରଣ ଓ କର୍ତ୍ତା
ମୋ ନିଜ ଭାଗ୍ୟର ବିଧାତା ।

(ଲକ୍ଷ୍ମୀଧର ବୟନିକାରୁ ଉଦ୍ଧାରିତ ଓ ବିନୋଦ ନାୟକଙ୍କ ଦ୍ୱାରା ପଠିତ ଏକ ପଦ୍ୟାଂଶ)

ତୁ ଖୋଜୁଚୁ ଯାହାକୁ ବନେ ପାହାଡେ ଦୂରେ ସୁଦୂରେ
ସେ ଯେ ଶୁନ୍ୟ ଶବ୍ଦ ମୁରଲୀ ବାଜେ ସବୁଠି ମୃଦୁ ମଧୁରେ ।
ସେ ନାହିଁ ଗୀର୍ଜା ମନ୍ଦିରେ
ଅବା ମସଜିଦରେ ସେ ନାହିଁରେ
କାଠ ପଥର ମୂରତି ପାଖେ ତୁ
କିଆଁ ଡାକୁଛୁ ଏତେ ଅଧିରେ
ସେ ଯେ ଅଦେହୀ ସେ ଯେ ଅରୂପ
ସେ ଯେ ପରମ ବ୍ରହ୍ମ ଅସୀମ
ସେ ଯେ ଅସୀମ ଭିତରେ ସସୀମ
ସେ ଯେ ଯୀଶୁ ଆଉ ରାମ ରହିମ
ସେ ଯେ ନିରାକାର ସେଇଯେ ସାକାର
(ପ୍ରତି) ପ୍ରାଣ ସିନ୍ଧୁରେ ଉଛୁଳେ....
ତା'ର ବ୍ୟସ୍ତ ଆକାଶେ ଆକାଶେ, ସେ ଯେ ଭାସୁଚି ପବନେ ପବନେ
ସେ ଯେ ଶ୍ୟାମଳ ସ୍ନିଗ୍ଧକାନ୍ତି, ହସେ ପ୍ରକୃତି ଘନ ଗହନେ ।
ଫୁଲ ସୁରଭିରେ ତା'ର ଗନ୍ଧ
ନଦୀ ଲହରେ ଲହରେ ଛନ୍ଦ
ସେ ଯେ ରେ ପରମାନନ୍ଦ ଲୁଚି ବସିଚି ତୋ ମନ ଦେଉଳେ
ସେ ଯେ ମହା ଜୀବନର ବାଣୀ
ସେ ଯେ ସୃଜନ ଶଙ୍ଖଧ୍ୱନି
ସେ ଯେ ଅଣୁ ପରମାଣୁ ଧୂଳିରେ
ତା'ର ବିଭୂତି ଦେଇଚି ବୁଣି
ସେଇ ବିଭୂତି
ଦି'ହାତେ ସାଉଁଟି
ନାଚ ଉନ୍ମାଦ ପ୍ରେମ ବିଭୋଳେ,
ସେ ଯେ ଶୂନ୍ୟ ଶବଦ ମୁରଲୀ
ବାଜେ ସବୁଜ ମୃଦୁ ମଧୁରେ ।

ପ୍ରଥମ ଅନୁଭୂତି

ସ୍ନିଗ୍ଧା ହୋତା

ଏକ ଐଶ୍ୱରୀୟ ଆନନ୍ଦ, ପ୍ରଥମ ଅନୁଭୂତି ।
ସୂର୍ଯ୍ୟର ପ୍ରଥମ କିରଣ ପରି, ପ୍ରଥମ ପଲ୍ଲବିତ ପତ୍ର ପରି ।
ସତେଜ, ସ୍ନିଗ୍ଧ, ଶୁଦ୍ଧର ସୀମାରେଖା ସେପାରିରେ,
ମୋର, ଆମର, ସମସ୍ତଙ୍କର ପ୍ରଥମ ଅନୁଭୂତି ।

ପ୍ରଥମ ପ୍ରେମର ଅନୁଭୂତିବି ସେହିପରି ସ୍ୱଚ୍ଛ,
ପବିତ୍ର, ଆବରଣହୀନ ଏକ ନିଛକ ସ୍ପନ୍ଦନ ।
ସେମିତିହିଁ ପ୍ରଥମ ସଂପର୍କର, ପ୍ରଥମ ଅନୁଭୂତି ।

ତାକୁ କେବେ ବିସ୍ମୃତିର ଅନ୍ଧକାର ଭିତରେ ହଜାଇଦେଇ ହେବନି,
ତୁମେ ଯଦି ଭାବିଛ ହଜିଯାଇଛି, ମୋର ଏଇ କେତୋଟି ଶବ୍ଦ ‘ପ୍ରଥମ ଅନୁଭୂତି’
ତାକୁ ଫେରାଇ ଆଣିବ, ଏହା ମୋର ପ୍ରତିଶୃତି
ସେଇ ପ୍ରଥମ ଅନୁଭୂତି ପରେ କେତେ ସ୍ତର ପରେ ସ୍ତର
ତାକୁ କରନ୍ତି ଅନ୍ତର୍ଗତ, ଠିକ୍ ସେହିପରି
ଆମେ ସମସ୍ତେ ବହୁ, କିନ୍ତୁ ବାନ୍ଧି ହୋଇ ରହିଛୁ ଅନେକ ସ୍ୱଅର୍ଜିତ ପାପର ସ୍ତରରେ ।
ଜୀବନ ସାରା ପୁଣି ଲାଗିଯାଉ ସେଇ ବହୁ ସନ୍ଧାନରେ ।
ଏକ ଅନ୍ତହୀନ ସଂଗ୍ରାମର ମରୀଚିକା ପଛରେ ।

ମୋର ଏଇ ଏକ କ୍ଷୁଦ୍ର ଅନୁରୋଧ.....

ଯଦିକେବେ ଭୁଲିଯାଆନ୍ତି ସାଂସାରିକ ଜଞ୍ଜାଳରେ ନିଜକୁ, ନିଜ ସଂପର୍କକୁ,
ଭୁଲିଯାଆନ୍ତି ତାର ଅବସ୍ଥିତିକୁ,
ଟିକିଏ ପଛକୁ ଫେରି ଚାହିଁବେ,
ମନେ ପକେଇବେ ସେଇ ପ୍ରଥମ ସନ୍ଧ୍ୟାକୁ
ସେଇ ପ୍ରଥମ ଅନୁଭୂତିର ପ୍ରଥମ ପ୍ରଭାତକୁ ।
ନିଜକୁ ପ୍ରଚାରିନେବେ ନିଜର ପରିଚୟ,
ଖୋଜି ପାଇବେ ସେଇ ଚିରନ୍ତନ, ସେଇ ଐଶ୍ୱରୀୟ ବହୁକୁ,
ସେଇ ଅନୁଭୂତିର, ସଂପର୍କର ପ୍ରଥମ ସ୍ପର୍ଶକୁ ।

ସାଂପ୍ରତିକ ବାର୍ତ୍ତାଳାପ

ଶିଖଣ୍ଡ ଶତପଥୀ

ସତ୍ୟ ବାବୁ ତଥାକଥିତ ନାରୀମୁକ୍ତି ବିଷୟରେ କହିଲେ-

"ସାବିତ୍ରୀ ଓଷା ଓ ସୁଦୂଶାବ୍ରତକୁ ଓଡିଶାରେ ଦେଲୁ ଛାଡି
ଓଡିଆ ସଂସ୍କୃତି ପୋଡି ଖାଇଲୁଣି ଆମେ ଆମେରିକା ନାରୀ
ଫ୍ଲାଇଟିରୁ ଆସି ଲେଡି ସଂପାଦିକା ପରୁଆନା କଲେ ଜାରୀ
ଲେଡିଜ୍ କରିବେ ନାଇଟି ଆଉଟୁ ହ୍ୱିସ୍କି ବୋତଲକୁ ଧରି ।"

ଅ-ନାରୀଙ୍କ ସ୍ଥିତି

ପୁରୁଷଙ୍କ ମଧ୍ୟ ସେହି ଅବସ୍ଥା, ଟାଇ-ପିନ୍ଧା, ଛାଡି ଧୋତି-କୁରୁତା
କର କମଣ୍ଡଳୁ ହାତର ଛତା, ଖୋର୍ଦ୍ଧା ଗାମୁଛା ଓ ଲମ୍ବା ପଇତା
ପୋଥି ଭାଗବତ ପାର୍ବଣ ଗୀତା, ଏଥିକୁ କି ଦେଇ ନାହାନ୍ତି ଚିତା ?
ଲାଭ ନାହିଁ ଦେଇ ମନକୁ ବ୍ୟଥା, ଯୁଗ ଯୁଗ ଧରି ଚାଲେ ଏ ପ୍ରଥା ।

କବି ବନ୍ଧୁ ବରୁଣ ବାବୁ କହିଲେ -

"ସତର ସନ୍ଧାନରେ ଧାଇଁ ଚାଲିଛି ଯୁଗ ଯୁଗ ଧରି
ସମସ୍ତେ କହିଲେ କୃଷ୍ଣ ସତ, ହେଲେ ବୁଝି ପାରିବନି
ସ୍କୁଲରେ କହିଲେ ବିଜ୍ଞାନ ସତ, ହେଲେ ଅପୂର୍ଣ୍ଣ
ସହଚରୀ କହିଲା ପ୍ରେମ ସତ, ଧ୍ରୁବ, ହେଲେ ଅବାସ୍ତବ
ବାକି ସବୁ ସହରିଆ ବନ୍ଧୁ କହିଲେ, ପଇସା ରୋଜଗାର କର, ସବୁ ଠିକ ହେଇ ଯିବ ।"

ଅପାହ୍ନା ସତ

ସୂର୍ଯ୍ୟ ଚନ୍ଦ୍ର ଆଉ ସରିତ ମରୁତ
ସାଗର କୂଳରେ ବିଚି ଅବିରତ
ଧାଇଁଛନ୍ତି ସର୍ବେ କାହା ଆକର୍ଷଣେ
କ୍ଷଣ-ଅନୁକ୍ଷଣେ, ସେହି ସତର ସନ୍ଧାନେ?

ସତ ଅନୁଭବେ କିବା, ସୃଷ୍ଟି ହେବ ସ୍ଥିର,
ଉଦ୍ଦେଶ୍ୟ ରହିତ ମତି, ସ୍ଥାବର ନିଷ୍ଫଳ
ଅକାନ୍ତ ସମୟ ଶେଷେ ବିନା ଅଭିସାର
ରହିଯିବ କାଳ ଥମି ଘେନି ଅବସର ?

ସତ୍ୟଲାଭେ ଅବା ଆମ ସ୍ଥିତି ଅବାଞ୍ଛିତ
ଅଗମ୍ୟ ଅପାନ୍ତ ଏହି ସତ୍ୟ ଅପରିମିତ
ଇଶ୍ୱର ନିର୍ଦ୍ଦେଶେ ନିଷ୍ଠେ ଅପାପ୍ୟ ଅବୋଧ୍ୟ
ବନ୍ଧୁ ଉପଦେଶେ ନୁହେଁ କେଭେଁ ଏହା ସାଧ୍ୟ !

ଚାଲଆମେ ଫଗୁଣ ମାଖିବା

ଦିଲୀପ ରଥ

ମୁହଁରେ ଅବିର ବୋଳି ମୋ କକ୍ଷର ପର୍ଦ୍ଦା ଆଡ଼େଇଲୁ
ଧୀମା ଧୀମା ଚାଲି ଆସି ମୋ ଦେହରୁ ଚଦର ଟାଣିଲୁ
କପଟ ନିଦରୁ ଉଠି ମୁଁ ଦେଖିଲି
ତୋ ପୃଥିବୀ ବଧୂ ହେବ ନିକଟ ଭବିଷ୍ୟେ
ତୋ ପୃଥିବୀ ହଠାତ୍ ଆଜି ଫଗୁଣ ମାଖିଚି ॥

ତୋ ହାତରେ ହାତ ଦେଇ ଝରଣାକୁ ଗଲି
ମୁଁ ଦେଖିଲି ତୋ ଝରଣା ଜୁଆରୀ ହେଇଚି
ମୁଁ ଦେଖିଲି ତୋ ଝରଣା କାଚକେନ୍ଦୁ ରୂପ
ତୋ ଝରଣା ଆରପାରେ କୋଇଲି ଡାକୁଚି
ତୋ ଝରଣା ଆରପାରୁ ହରିଣୀ ଚାହୁଁଚି ॥

ତୋ ହାତରେ ହାତଦେଇ ନାଆରେ ଚଢିଲି
ମୁଁ ଶୁଣିଲି ତୋ ନାଆରେ ଅଚିହ୍ନା ପୁଲକ
ମୁଁ ଦେଖିଲି ତୋ ଆକାଶେ ଅଜଣା ନୀଳିମା
ଅଚାନକ ହଂସମାଳେ ଉଡିଗଲେ ଶୂନ୍ୟେ
ମୁଁ ଦେଖିଲି ତୋ ଆଖିରେ ପୁନେଇଁ ଜୁଆର ॥

ତୋ ହାତରେ ହାତ ଦେଇ ମୁଁ କହିଲି
‘ମଳୟ ପିଇବି’
ମୋ ହାତରେ ହାତ ଦେଇ ତୁ କହିଲୁ
‘ବଉଳ ଖୋସିବି’
ହାତେ ହାତ ଦେଇ ଆମେ ଏକାଠି ଗାଇଲେ
“ଆମେ ଚାଲ ଫଗୁଣ ମାଖିବା” ॥

ଶିଶିର ରାତିରେ

ଦିଲୀପ ରଥ

ଜୋଛନା ଧୂଳିରେ ଥରେ ଲୋଟିଯାଏ ଅଲାଜୁକ
ଛାଟିଦିଏ ମୁହଁପରେ ଜୋଛନାରୁ ମୁଠେ
ପିଇଯିବ ଆଞ୍ଜୁଳି ଆଞ୍ଜୁଳି କରି
ଜୋଛନାରୁ ଯେତେପାରେ
ସେତେ ସେ ସାଉଁଟେ ॥

ଅଦ୍ଭୁତ ଏ ଶୀତରାତି, ଚକାଜହ୍ନ, କାଶତଣ୍ଡୀ ବଣ
ନିବସ୍ତ୍ର ମନର ଛାଇ
ଆକାଶରେ ତାରା ହୋଇ ଫୁଟେ
ଶୀତରାତି - କାକର ସ୍ନାହାନ ସାରି
କାଶତଣ୍ଡୀ ଜ୍ୟୋସ୍ନା ମାଖି ହୁଏ
ନିବସ୍ତ୍ର ମନର ଛାଇ ଶିଶିର ବିନ୍ଦୁରେ
ଲକ୍ଷ ଜହ୍ନ ପରି ଦିଶେ
ଦେହବନ୍ଦୀ ମୋ ସ୍ଥିତିରେ ପୂର୍ଣ୍ଣିମା ଜୁଆର
ଢେଉ ଉଠେ ମାଳମାଳ
ଢେଉ ଉଠେ
ଦେହୀ ଆତ୍ମା ମୋର ଉଡ଼େ ବିଦେହ ରାଇଜେ
ଏ ପୁଲକ ଅପୂର୍ବ
ଅମାନିଆ ଏ ଜୁଆର
ମୁଗ୍ଧ ଶିହରଣ
ଅଦ୍ଭୁତ ଏ ଶୀତରାତି, ଚକାଜହ୍ନ
କାଶତଣ୍ଡୀ ବଣ ॥

ଖେଚୁଡି ବସନ୍ତ

ଦେବରାଜ ସାହୁ
ମେରିଲାଣ୍ଡ

ବସନ୍ତ ଏକ ବ୍ୟାଧିର ନାମ
ବସନ୍ତ ଏକ ବନ୍ଧୁର ନାମ
ବସନ୍ତ ଏକ ରାଜାର ନାମ
ବସନ୍ତ ଏକ ସ୍ମୃତିର ନାମ ।

ବସନ୍ତ ଏକ ବ୍ୟାଧିର ନାମ
ସଂପର୍କରେ ସଂକ୍ରମଣ
ମାତାର ବକ୍ଷ କରେ ବିଦୀର୍ଣ୍ଣ
ଶିଶୁର ଜୀବନ୍ତ ମୃତ୍ୟୁ ।

ପ୍ରକୃତିର ନିଷ୍ଠୁର ଶାପ
ଜଗତର ଦୀର୍ଘ ଶ୍ୱାସ
ବସନ୍ତର ଭୁକ୍ତ ଭୋଗୀ
ନାମିତ ହୁଏ 'ଜାଲି ଚଟୁ' ।

ବସନ୍ତ ଏକ ବନ୍ଧୁର ନାମ
ବାଲ୍ୟ ବନ୍ଧୁ
ସଂପର୍କରେ ସୁଗୁଣ
ବିଚ୍ଛୁରିତ ହୁଏ ।

ପ୍ରକୃତିର ଦାନ
ଦୁର୍ମୁଲ୍ୟ ସଂପଦ
ଦୂରତାର ବ୍ୟବଧାନରେ ବି
ବସନ୍ତ ଏକ ସୁବାସିତ ସାଂଗ ।

ବସନ୍ତ ଏକ ରାଜାର ନାମ
ଋତୁରାଜ ସିଏ
ସଂପର୍କରେ ସୁଗଂଧ
ନବକଳିକାର ନବ ଜନ୍ମ ।

ସୃଜନର ଆବାହକ
ସୃଷ୍ଟିର ଆଶା
ସୀମାହୀନ ସବୁଜର
ସାଦର ସଂଭୋଗ ।

କବିର କଳ୍ପନା
ପ୍ରିୟାର କାମନା
କାଳର ଖେଳନା
ବସନ୍ତ ଏକ ସ୍ମୃତିର ନାମ

ବୀଣା ଦେଇ

ସୁଲୋଚନା ପଟ୍ଟନାୟକ

ଦଳ ବେହେରାଙ୍କ ଝିଅ ଅଲିଅଳ ଜେମା
ଡେରିରେ ଉଠିବ ସେ ତ ପାଇ ଗୋଡ ଘଷା
ପାଣି ଢାଳ ଦାନ୍ତ କାଠି ହାତେ ତାର ଗ୍ଲେଡା
"ବୀଣା ଦେଇ ଉଠ" ଡାକେ ତା ପୋଷା ମଇନା ।
ଅଲିଅଳ ଗଜଜେମା ଏକଇ ଦୁହିତା
ସାତ ଘରେ ସିଏ ଏକଇ ଭଉଣୀ
ମନ ତାର ଉଡି ବୁଲେ ମାନେ ନା ସେ ନୀତି
ତା ପାଇଁ ଖଟୁଛନ୍ତି କେତେ ଗୃହକର୍ତ୍ତୀ ।
ପାଠଶାଳା ଦେଖି ନାହିଁ ଘରେ ସେ ପଢଇ
ବାପା ଘରଙ୍କ ସାଥେ କରେ ସେ ଲଢେଇ
ଝିଅ ବୋଲି ଜୀବନଟା ମୂଲ୍ୟହୀନ ଆଜି
ଘର ସହ ସମ ତାଳ ହେବା ପାଇଁ ବାଜି ।
ଦଳବେହେରାଙ୍କ ଘର ଉତ ପିଣ୍ଡା ପରେ
ବାପା ସାଥେ ବସେ ଯାଇ ସେ କଚେରୀ ଘରେ
କାହା କଥା ମାନେ ନାହିଁ ଅବୁଝା ସେ ଅତି
ନ କଲେ ନ ଦେଲେ ତାରେ କାହା ନାହିଁ ଗତି ।

ଯାହା ବୁଝିଥିବ ତାହା ଶୁଣେ ନାହିଁ କଥା କାହା
ସହେ ନାହିଁ ମନ ତାର, ଦୁଃଖୀ ପାଇଁ ଦୁଃଖ ଯାର
ବାଧ କରେ ପିତାଙ୍କୁ ସେ ଗରୀବରେ ଦୟା କର
ଏକ ମନ ଦୁଇ ରୂପ ସେ ଏକ ଅବୁଝା ବୀଣାର ସୁର ।
ବୀଣା ଦେଇ ନାମ ତାର ଆଜି ତା'ର ବାହାଘର
ଷୋଡଶୀ ହୃଦୟେ ତାର ଆଶଙ୍କା ଓ ସପନର
ଆଜି ଯିବ ଶାଶୁଘର ଛାଡି ଘରଇ ଭଉଣୀ ସୋଦର
ଅତୀତରେ ଲୀନ ହେବ ପିଲା ଖେଳ ପର୍ଯ୍ୟାୟର ।
କପୋଳେ ସିନ୍ଦୁର ଆଉ ମଥାରେ ଓଢଣା
ସକାଳ ପହରୁ ଉଠି ଓଳାଏ ସେ ଘର ଓ ଅଗଣା
ଥିରି ଥିରି ଗୃଲି ଆଉ ଚୁପି ଚୁପି କଥା
ଆଖି ତଳେ ଛୁପେ ତାର କାରୁଣ୍ୟର ବ୍ୟଥା ।
ପିତା ଗୃହ ତେଜି ଯେବେ ଆସିଥିଲା ପୁରୀ
କାଲି ପରି ଲାଗେ ତାକୁ ଆଖି ଯାଏ ଭରି
ବୋଉର ଅକୁହା ଆଖି, ଖୁଡିଙ୍କର ସୁଁ ସୁଁ କାନ୍ଦ
ଶାଶୁଙ୍କର କଡା କଥା କେତେ ପୁଣି କଟକଣା ଯାରି ।

କରିଥିଲ୍ ପଣ ସେ ଯେ ଗଢିବାକୁ ତା ନୂଆ ସଂସାର
ଆସିଲେ ବି ଯେତେ ବାଧା ଝଡର ସମୁଦ୍ର
ଫେରିବାଟା ଅସମ୍ଭବ ଏ ଶେଷ ବିସ୍ମର
ଝିଅ ଦିନ ନାହିଁ ଆଉ ବୋହୁ ସେ ଯେ ଓଡିଆ ଭୂଇଁର ।
ଗୋବରରେ ଲଟପଟ ହାତ ତାର, ପାରେ ସିଏ ଘଷି
ଘଡି ଘଡିଟାରୁ ଉଠା, ଗାଈ ଦୁହାଁ, ନଳା ହେବ ସଫା
ପାଞ୍ଚ ପିଲ୍ ସ୍କୁଲ ଯିବେ, ସ୍ୱାମୀ ଯିବେ ଏ.ଜି. ଅଫିସ
ଶାଶୁଙ୍କର ଗୁହା ପିଆ, ତିଳେ ମାତ୍ର ପାରେ ନା ସେ ବସି ।
ଘୁକୁଣୀ ସ୍ୱପ୍ନ ଏଠି ସମ୍ଭାଳବ ଏ ସାରା ସଂସାର
ବାପା ଦାଦା ଆସିଲେ ବି କହିବାକୁ ଥରେ ତାର ସ୍ୱର
କାନ୍ଦିବି ପାରିବ ନାହିଁ, ଶାଶୁଘର ପଡିଯିବ ତଳେ
ଶୁଖିଲା ହସ ତା ମୁହେଁ, ପିଲ୍‌ଦିନ ମନେ ନାହିଁ ପଡେ ।
ଝିଅର ଅବସ୍ଥା ଦେଖି ବାପା ବୋଉ ହେଲେ ଆଜି ମୂକ
ଇଚ୍ଛା କଲେ ଖଞ୍ଜିଦେବେ ତା ହାତେ ଘୁକର
ଶାଶୁଙ୍କ ଗଞ୍ଜଣା ପୁଣି ବଢି ଯିବ ଏକଇ ବଳାର
ଝିଅ ଆଉ ନୁହେଁ ବିଣି ବୋହୁ ସିଏ ପରିଚୟ ତାର ।
ମନରୁ ଭୁଲିଲା ସିଏ ଗାଁ ଗଣ୍ଡା ଆମ୍ବ ତୋଟା ମାଳ
ଭଗବତ ଘର ଆଉ ଗୋପିନାଥଙ୍କ ମନ୍ଦିର
ଆଇ ସଙ୍ଗେ କଟୁଥିଲ୍ କେତେ ସଞ୍ଜ ବେଳ
ଘଇ ଭଉଣୀଙ୍କ ସାଥେ କତି କତି ଖେଳ ।
କେତେ ସ୍ୱପ୍ନ ଥିଲ୍ ତାର, ପୁରୀ ହେଲ୍ ଶାଶୁଘର
ପ୍ରତିଦିନ ଯିବ ସିଏ ଦେଖିବାକୁ ଜଗାର ମନ୍ଦିର
ସଂଧ୍ୟାବେଳ କଟାଇବ ସ୍ୱାମୀ ସହ ସମୁଦ୍ର ବେଳାରେ
ସୂର୍ଯ୍ୟ ସ୍ନାନ କରିବାର ସୁଖ ପୁଣି ସାଗର କୂଳରେ ।
ସ୍ୱପ୍ନ କେବେ ସତ ହୁଏ ଘୁବୁଥାଏ ନତି ସିଏ
ଆଖିରେ ଆଖିଏ ଲୁହ ତପଳ ତା ମନ କହେ
ଆଜି ନୁହେଁ କାଲି ହେବ, ଦୁଃଖର ଦିନ ସରିବ
କାଳଆ ଦେଖୁଛି ସବୁ, ଦିନେ ବି ତ ସାହା ହେବ ।
ଦିନ ପରେ ଘଡି, ମାସ ପରେ ବର୍ଷ ଗଲ୍ ବିତି
ବାପା ବୋଉଙ୍କ ପଛେ ଶାଶୁ, ସ୍ୱାମୀ ଗଲେ ଘୁଲି
ଏବେ ବି ତ ଦେଖି ନାହିଁ ସମୁଦ୍ର ବେଳାର ଛାଇ
ଦୁଃଖ ତାର ତର ସାଥି କାହିଁ ପାଇଁ ହୁଏ ବାଇ ।
ଦୁଆର ମୁହଁରେ ଯାଇ ପତିତ ପାବନେ ସେ କହଇ
ସୁଖ ମୋର ଲେଉଡା ନାହିଁ, ଥାଅ ତୁମେ ସାଥି ହୋଇ
ବଡ ଦାଣ୍ଡ ବଡ ମନ୍ଦିରର ଅଭଡା ପଖାଳ ଖାଇ
ଶେଷ ହେଉ ଦିନ ମୋର ଆଉ କଛି ଲେଉଡା ନାହିଁ ।